Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରଚାରିତ ଓଡିଆ ଦୈନିକ




ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର

# ଆଜି ବାହୁଡ଼ା ଯାତ୍ରା, ପୁରୀରେ ଯାତ୍ରୀଙ୍କ ଭିଡ଼, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ରାମଦାସ୍‌ଙ୍କ କୋପର ପରିଣାମ: ସ୍ୱନାମଧନ୍ୟ

ତାରିଖ : ୭/୫/୨୦୦୬



ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୬.୯ | ୩୩.୯ |
| କଟକ | ୨୩.୭ | ୩୪.୪ |
| ବାଲେଶ୍ୱର | ୨୬.୨ | ୩୧.୫ |
| ଗୋପାଳପୁର | ୨୫.୬ | ୩୦.୫ |
| ଝାରସୁଗୁଡ଼ା | ୨୪.୮ | ୩୨.୦ |

ବିତର୍କ/ମତାମତ ସଂଗ୍ରହ

ଲୁହାପଥର ଚାଲାଣକୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀଙ୍କ ନାପସନ୍ଦ ପୋସ୍କୋ ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ୧୦ରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିପାରନ୍ତି

ନେଶ୍ୱର ,(ଇମିସ): ଦାୟିତ୍ୱ ସମ୍ଭାଳିବାର ୨୫ ମାସ ପରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ପ୍ରଥମ ଥର ପାଇଁ ଓଡ଼ିଶା ଆସିବା ଯୋଜନା କରୁଛନ୍ତି । ଘରୋଇ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଜୁଲାଇ ୧୦ରେ ଦୁଇ ଦ ନିଆ ଓଡ଼ିଶା ଗସ୍ତରେ ଆସିବା ଲାଗି ଆପାତତଃ ସ୍ଥିର ହୋଇଛି । ୧୦ ତାରିଖରେ ସେ ପରିଦର୍ଶନ କରିବେ । ଗଞ୍ଜାମର ଗୋଟିଏ କିମ୍ବା ଦୁଇଟି ଗ୍ରାମକୁ ଯିବାର ମଧ୍ୟ ଭୁବନେଶ୍ୱର ପହଞ୍ଚିଲା ପରେ ବଲାଙ୍ଗୀର କିମ୍ବା କେବିକେ ଅଞ୍ଚଳର କେତେକ ଗ୍ରାମ କାର୍ଯ୍ୟକ୍ରମ ରହିପାରେ ବୋଲି ଜଣାପଡ଼ିଛି । ତେବେ ଏ ନେଇ କେନ୍ଦ୍ରରୁ କୌଣସି ନିର୍ଦ୍ଦିଷ୍ଟ ଗସ୍ତ କାର୍ଯ୍ୟସୂଚି ଆସି ନାହିଁ ବୋଲି ଘରୋଇ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

କ ସଂସ୍କାର ପ୍ରକ୍ରିୟାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ପୂର୍ବରୁ ଡଃ ସିଂହ ଦେଶର ବିଭିନ୍ନ ଆର୍ଥିକ ଅନଗ୍ରସର ଅଞ୍ଚଳ ବୁଲି ଗ୍ରାମାଞ୍ଚଳର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା କାର୍ଯ୍ୟ ଆରମ୍ଭ କରିଛନ୍ତି । ନିକଟରେ ସେ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳକୁ ଯାଇଥିଲେ । ସେଠାରେ କୃଷିଯାତ ଉତ୍ପାଦର ସଠିକ ମୂଲ୍ୟ ନ ପାଇ ଅନେକ ଚାଷୀ ଆତ୍ମହତ୍ୟା କରିଥିବା ବିଷୟ ପ୍ରଧାନମନ୍ତ୍ରୀଙ୍କୁ ଆନ୍ଦୋଳିତ କରିଛି । ଜୁନ ଓ ଜୁଲାଇ ଦୁଇ ମାସ ମଧ୍ୟରେ ବିଦର୍ଭ ଅଞ୍ଚଳରେ ୫୪୦ ଜଣ ଚାଷୀ କୃଷି ଋଣ ସୁଝି ନପାରି ଆତ୍ମହତ୍ୟା କରିଛନ୍ତି । ଆର୍ଥିକ ସଂସ୍କାର ଓ ପ୍ରଗତିକୁ ଦିଲ୍ଲୀ ଓ ଗୁରୁଗାଓଁରେ ସୀମି ତ ନ ରଖି ଗ୍ରାମୀଣ ସ୍ତର, ଅର୍ଥାତ ୬୫ ପ୍ରତିଶତ ଭାର ତୀୟ ରହୁଥିବା ଅଞ୍ଚଳକୁ ପହଞ୍ଚାଇବାକୁ ପଡ଼ିବ ବୋଲି ସେ ହୃଦୟଙ୍ଗମ କରିଥିଲେ । ୧୫ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଆର୍ଥିକ ସଂସ୍କାର ପ୍ରକ୍ରିୟାରୁ ଏସବୁ ଅଞ୍ଚଳରେ କୌଣସି ପ୍ରଗତି ହୋଇ ନାହିଁ । ସଂସ୍କାରକୁ ମାନବତା ରୂପ ନ ଦେଲେ ଏହା ସଫଳ ହେବ ନାହିଁ ବୋଲି ସେ କହିଥିଲେ । ଉପା ସରକାର କ୍ଷମତା ସମ୍ଭାଳିବା ପରେ ପ୍ରଧାନମନ୍ତ୍ରୀ ଥରେ ବି ଓଡ଼ିଶା ଗସ୍ତରେ ଆସି ନାହାନ୍ତି । ଗ ତ ନଭେମ୍ବର ମାସରେ ଡଃ ସିଂହ ଓଡ଼ିଶା ଗସ୍ତରେ ଆସିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲେ ମଧ୍ୟ ଶେଷ ମୂହୁର୍ତରେ ଏହା ବାତିଲ ହୋଇଯାଇଥିଲା । ବିଦର୍ଭ ଗସ୍ତ ପରେ ପ୍ରଧାନମନ୍ତ୍ରୀ ବିହାର ଓ ଓଡ଼ିଶା ଗସ୍ତରେ ଆସିବା ସ୍ଥିର ହୋଇଛି । ଇତିମଧ୍ୟରେ ଏକାଧିକ କେନ୍ଦ୍ରମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ଗସ୍ତ ପାଇଁ କ୍ଷେତ୍ର ପ୍ରସ୍ତୁତି କାର୍ଯ୍ୟ କରିଛନ୍ତି । ଓଡ଼ିଶାରେ କୃଷି ଉତ୍ପାଦନ ଏକ ପ୍ରକାର ସ୍ଥାଣୁ ଅବସ୍ଥାରେ ରହିଛି, ଯେଉଁଥିପାଇଁ ରାଜ୍ୟର ପ୍ରଗତି ୨ରୁ ୩ ପ୍ରତିଶତ ମଧ୍ୟରେ ସୀମିତ ହୋଇ ପଡ଼ିଛି । ଏଥିପାଇଁ ପ୍ରଧାନମନ୍ତ୍ରୀ ବିବ୍ରତ ଥିବା ତାଙ୍କ ନିକଟତର ମହଲରୁ





ଆଜି ପବିତ୍ର ବାହୁଡ଼ା ଯାତ୍ରା । ପୁରୀରେ ଭକ୍ତଙ୍କ ଭିଡ଼ ଲାଗି ରହିଛି ।

ଅନ୍ୟାନ୍ୟ ଖବର

- 'କାଦମ୍ବିନୀ'ର ସପ୍ତମ ସ୍ୱନକ୍ଷତ୍ର ଦିବସ : ଓଡ଼ିଆ ସାହିତ୍ୟର ଭାର ଯୁବପିଢ଼ି ନିଅନ୍ତୁ
- ଲଗାଣ ବର୍ଷାରେ ଇନ୍ଦିରା ଆବାସ ଭୁଶୁଡ଼ିଲା
- ବର୍ଷା ଯୋଗୁ ବିହନ ବୁଡିଲା, ଚାଷୀଙ୍କ ଭାଳେଣି
- ଲଗାଣ ବର୍ଷା ଯୋଗୁଁ ଜଟଣୀ ବ୍ଲକ୍ ଓ ସହର ପାଣି ଘେରରେ
- କୁହା ନୋଡାଲ୍ ସ୍କୁଲ: ଦୁଇ ଶହ ପିଲାଙ୍କ ପାଇଁ ଦୁଇଟି କୋଠରୀ
- ଦ୍ୱିତୀୟ ବିବାହ ପାଇଁ ବେଦବ୍ୟାସ ମନ୍ଦିରକୁ ଆସିଥିବା ଯୁବକକୁ ଗୋଡ଼ାଇ ଗୋଡ଼ାଇ ମାଡ଼
- ଭଦ୍ରକ: ଉପ ଜିଲ୍ଲାପାଳ-ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ମୁହାଁମୁହିଁ
- ପାଳଲହଡ଼ା, ୪୭୨ ଲିଟର କିରୋସିନି ଜବ ତ
- ସାହିତ୍ୟରେ ନିରାଶାବାଦର ସ୍ଥାନ ନାହିଁ:

ଜଣାପଡ଼ିଛି । କେବିକେ ଓ ଗଞ୍ଜାମ ଜିଲ୍ଲାର ଗ୍ରାମୀଣ ଅଞ୍ଚଳ ବୁଲି ଦେଖି ଦାରିଦ୍ର୍ୟତାକୁ ନିଜ ଆଖିରେ ଦେଖିଲା ପରେ ଏସବୁ ଅଞ୍ଚଳକୁ ଆର୍ଥିକ ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କି ପଦକ୍ଷେପ ଉଠାଯାଇ ପାରିବ ସେ ନେଇ ଯୋଜନା କମିସନ ଓ ବ୍ୟାଙ୍କଗୁଡ଼ିକ ସହ ଆଲୋଚନା କରାଯିବ ବୋଲି ସ୍ଥିର ହୋଇଛି । ଆଗାମୀ ଛଅ ମାସ ମଧ୍ୟରେ କୃଷି ଭିତ୍ତିକ ଅର୍ଥନୈତିକ ସଂସ୍କାର ବ୍ୟବସ୍ଥାର ଚୁଡ଼ାନ୍ତ ଚିଠା ପ୍ରସ୍ତାବ ପ୍ରସ୍ତୁତ କରାଯିବ ବୋଲି ଜଣାପଡ଼ିଛି ।

ପୂର୍ବପୃଷ୍ଠା

ଜାନକୀ
- ସରକାରୀ ଚାଉଳ ଚୋରା ଚାଲାଣ; ଗାଡ଼ି ଜବତ, ୨ ଗିରଫ
- ଶିଳ୍ପ ପ୍ରତିଷ୍ଠା ନାମରେ ସର୍ଭେ କାର୍ଯ୍ୟ ଆରମ୍ଭ, ଗ୍ରାମବାସୀଙ୍କ ବିରୋଧ
- ସମ୍ବଲପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ପରୀକ୍ଷା ଫଳ ପ୍ରକାଶିତ
- ବିଦ୍ୟୁତ ଆଘାତରେ ୧୫ ଛେଳି ମୃତ, ୨ ଜଣ ଆହତ
- ଅବହେଳିତ ଅବସ୍ଥାରେ ପ୍ରତ୍ନତାତ୍ତ୍ୱିକ ଦେବୀପୀଠ ପୂଜାଡୁଙ୍ଗୁରି
- ସାପ କାମୁଡ଼ାରେ ମା' ପୁଅର ମୃତ୍ୟୁ




Copyright © 2001 orissasambad.com

Site Developed by : www.wayindia.com